## ସଂକ୍ଷେପରେ

### ପୋଖରୀରେ ବୁଡି ଶିଶୁଙ୍କ ସମେତ ଗଲା ୨ ଜୀବନ

ରୂପସା/ଭୋଗରାଇ, ୨୩।୩(ଡି.ଏନ.ଏ.)- ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ବୁଧବାର ପୋଖରୀରେ ବୁଡି ଜଣେ ଶିଶୁକନ୍ୟାଙ୍କ ସମେତ ୨ ଜୀବନ ଯାଇଛି। ଭୋଗରାଇ ଥାନା ଅଧୀନ ଦେଉଳା ଗ୍ରାମର ଜଗନ୍ନାଥ ଦାସଙ୍କ ୨ ବର୍ଷର ଝିଅ ପୂର୍ବାହ୍ନରେ ନିଖୋଜ ହେବା ପରେ ଘର ଲୋକେ ଖୋଜାଖୋଜି କରିଥିଲେ। ପରେ ପାଖ ପୋଖରୀରେ ଭାସୁଥିବା ଦେଖି ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସିଂଲା ଥାନା କଇଁନଗିରି ଗ୍ରାମର ସୁବାସ ସାମନ୍ତଙ୍କ ସ୍ତ୍ରୀ ଦୁଲାଳୀ ସାମନ୍ତ (୭୨ ପୁଟୁରା ପଞ୍ଚାୟତର ବାଲିସାହି ଗ୍ରାମସ୍ଥିତ ଝିଅ ଘରକୁ ବୁଲିବାକୁ ଆସିଥିଲେ। ସକାଳେ ଶୌଚ ହେବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ପୋଖରୀରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ସିଂଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୨୨) ରୁଜୁ ହୋଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି।

### ବିଷ୍ଣୁପୁର ରାଜ ମେଳନ ଉଦ୍‌ଯାପିତ

ବାହାନଗା, ୨୩।୩(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଷ୍ଣୁପୁର ଗ୍ରାମରେ ଅନୁଷ୍ଠିତ ରାଜମେଳନ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ରାଧାଗୋପୀନାଥ ଜୀଉ ରାଜମେଳନ ଦୀର୍ଘ ୬୦ବର୍ଷ ଧରି ହୋଇଆସୁଛି। ପୂର୍ବରୁ ଅଭଣା ଓ ବିଷ୍ଣୁପୁର ଗ୍ରାମକୁ ନେଇ ଗୋଟିଏ ସ୍ଥାନରେ ଏହି ରାଜମେଳନ ଅନୁଷ୍ଠିତ ହେଉଥିଲା। ପରବର୍ତ୍ତୀ ସମୟରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ରାଜମେଳନ ଦୁଇଭାଗରେ ପରିଣତ ହୋଇଥିଲା। ସେବେଠାରୁ ବିଷ୍ଣୁପୁର ଗ୍ରାମରେ ଏହି ମେଳନ ଦୁଇଦିନ ଧରି ଅନୁଷ୍ଠିତ ହୋଇଆସୁଛି । ସେହିପରି ଅଭଣା ଗ୍ରାମର ଶ୍ରୀ ଶ୍ରୀ ରାଧାକୃଷ୍ଣଜୀଉ ରାଜମେଳନ ଶେଷ ହୋଇଛି। ବିଷ୍ଣୁପୁର ଗ୍ରାମରେ ମେଳନ କମିଟି ସଭାପତି ଗଣେଶ୍ୱର ତ୍ରିପାଠୀ କହିଛନ୍ତି, ଦୀର୍ଘ ୬୦ବର୍ଷ ହେଲାଣି ବିଷ୍ଣୁପୁର ଗ୍ରାମରେ ରାଜମେଳନ ନାମରେ ଦୋଳମେଳନ ହୋଇଆସୁଛି। ଏଥିପାଇଁ ଗ୍ରାମରେ ୫ରୁ ୬ଦିନ ମେଳା ବସିବା ସହିତ ଯାତ୍ରା ପରିବେଷଣ କରାଯାଉଛି। ବିଭିନ୍ନ ଆଖପାଖ ଅଞ୍ଚଳରୁ ଚଳିତବର୍ଷ ୧୯ ବିମାନରେ ଠାକୁର ଆସିଥିଲେ।

### ସରିଲା ରାହାଞ୍ଜୀ ଦୋଳ ମେଳଣ



ଭଦ୍ରକ ଅଫିସ, ୨୩।୩- ଭଦ୍ରକ ଜିଲା ସଦର ବ୍ଲକ ରାହାଞ୍ଜ ପଞ୍ଚାୟତ ଦୋଳ ମେଳଣ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୨୦ରୁ ଊର୍ଦ୍ଧ୍ୱ ବିମାନ ଏଥିରେ ସାମିଲ ହୋଇଥିଲେ। ଶତାଧିକ ବର୍ଷ ପୂର୍ବରୁ ହୋଇଆସୁଥିବା ଏହି ମେଳଣରେ ଗୋପାଳ ଜୀଉ ଠାକୁରଙ୍କୁ ଦର୍ଶନ ଲାଗି ପଞ୍ଚାୟତ ଓ ସ୍ଥାନୀୟ ପଞ୍ଚାୟତର ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ମେଲୋଡ଼ି, ଯାତ୍ରା ଆୟୋଜନ ସାଙ୍ଗକୁ ମୀନାବଜାର ପଡ଼ିଥିଲା।

### ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର

କୁଆମରା, ୨୩।୩(ଡି.ଏନ.ଏ.)-ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଯାଇଛି। ଶିବିରକୁ କଲେଜ ଅଧ୍ୟକ୍ଷ ଡଃ ସୁରେନ୍ଦ୍ର ପ୍ରସାଦ ରାଉତ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୧୧୯ ଜଣ ଛାତ୍ରୀ ତାଲିମ ନେଉଥିବା ବେଳେ ଏହା ୪ଟି ପର୍ଯ୍ୟାୟରେ ୧୬ ଦିନ ଧରି ତାଲିମ ଦିଆଯିବ। ଇନ୍ଦିରା ଗାନ୍ଧୀ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ମାଳତୀ ମୁର୍ମୁ ଛାତ୍ରୀମାନଙ୍କୁ ତାଲିମ ଦେଉଛନ୍ତି। ଖେଳଶିକ୍ଷକ ତଥା କାର୍ଯ୍ୟକ୍ରମର ସଂଯୋଜକ ଆଶିଷ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହା ୨୩ରୁ ଆରମ୍ଭ ହୋଇ ୧୨ତାରିଖରେ ଶେଷ ହେବ ବୋଲି କୁହାଯାଇଛି।

# ମୃତଦେହ ରଖି ଥାନା ଘେରାଉ

**ଟାହିଟାପରାରୁ ପରାଜିତ ସମିତିସଭ୍ୟା ପ୍ରାର୍ଥୀଙ୍କ ଆତ୍ମହତ୍ୟା ଘଟଣା**

**■ ୬ ଜଣଙ୍କ ନାଁରେ ମାମଲା**

ବାସୁଦେବପୁର/ ପଦ୍ମପୁର, ୨୩।୩ (ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନରେ ପରାଜୟ ପାଇଁ ବିଜୟୀ ପ୍ରାର୍ଥୀଙ୍କ ଟାହିଟାପରା ସହି ନ ପାରି ବିଷ ପିଇ ଦେଇଥିଲେ ସମିତିସଭ୍ୟ ପ୍ରାର୍ଥିନୀ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମପୁର ପଞ୍ଚାୟତର ସୁମତୀ ପରିଡ଼ା। କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ହୋଇ ମୃତଦେହ ଆସିବା ପରେ ଏହି ଘଟଣାକୁ ନେଇ ପଞ୍ଚାୟତରେ ଉତ୍ତେଜନା ଦେଖା ଦେଇଥିଲା। ପଞ୍ଚାୟତର କେତେଜଣ ବ୍ୟକ୍ତି ମଙ୍ଗଳବାର ବିଳମ୍ବିତ ରାତିରେ ସୁମତୀଙ୍କ ମୃତଦେହ ରଖି ବାସୁଦେବପୁର ଥାନା ଥାନା ଘେରାଉ କରିଥିଲେ। ଏହି ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଥାନା ଘେରାଉ ଜାରି ରହିଥିଲା। ଘଟଣାରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଦାୟୀ ଥିବା ୬ଜଣଙ୍କ ନାଁରେ ପୋଲିସ ମାମଲା ରୁଜୁ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଲୋକେ ଧାରଣାରୁ ଓହରିବା ପରେ ଅନ୍ତିମ ସଂସ୍କାର ପାଇଁ ମୃତଦେହ ବଡ଼ଅଗାପୁର ଗ୍ରାମକୁ ନେଇଥିଲେ। ମୃତ ସୁମତୀଙ୍କ ଶ୍ୱଶୁର ରମେଶ ଚନ୍ଦ୍ର ପରିଡ଼ାଙ୍କ ଅଭିଯୋଗ କ୍ରମେ ୬ଜଣଙ୍କ ନାଁରେ ମାମଲା (ନଂ.୧୨୬/୨୨) ରୁଜୁ କରାଯାଇଛି।

ସୂଚନାଯୋଗ୍ୟ, ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ୧୭ ଦିନ ପରେ ବିଜୟୀ ପ୍ରାର୍ଥୀଙ୍କ ରାଲି ବେଳେ ପରାଜିତ ପ୍ରାର୍ଥିନୀ ସୁମତୀଙ୍କ ପରିବାର ଲୋକଙ୍କୁ କମେଣ୍ଟ ମାରିବା ସହ ଦୁର୍ବ୍ୟବହାର କରାଯାଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ପ୍ରଥମେ ସୁମତୀଙ୍କ ସ୍ୱାମୀ ରମାକାନ୍ତ ବେକରେ ରଶି ଲଗାଇ ଦେଇଥିଲେ। ଏହା ଦେଖି ସୁମତୀ ବିଷ ପିଇ ଦେଇଥିଲେ। ରମାକାନ୍ତ ମୃତ୍ୟୁର ୧୦ ଦିନ ପରେ ସୁମତୀଙ୍କ ମୃତ୍ୟୁ ଘଟିଛି। ନିର୍ବାଚନ ଫଳାଫଳ ପ୍ରକାଶର ୧୭ ଦିନ ପରେ ବିଜୟ ଶୋଭାଯାତ୍ରା କରାଯିବା ଘଟଣାର ଅଧିକ ତଦନ୍ତ କରାଯାଉ ବୋଲି ମୃତକଙ୍କ ପରିବାର ପକ୍ଷରୁ ଦାବି ହୋଇଛି।

# ଶବ ବ୍ୟବଚ୍ଛେଦ ରିପୋର୍ଟରେ ହୃଦ୍‌ଘାତଜନିତ ମୃତ୍ୟୁ

**ବଡଜୟୀପୁର ସମିତିସଭ୍ୟା ଶ୍ୱଶୁରଙ୍କୁ ହତ୍ୟା ଘଟଣା**

ଖଇରା, ୨୩।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ଥାନା ଖଇରା ବ୍ଲକ ଅଧୀନ ବଡଜୟୀପୁର ପଞ୍ଚାୟତ ସମିତିସଭ୍ୟା ପାର୍ବତୀ ସେଠୀଙ୍କ ଶ୍ୱଶୁର ଉପେନ୍ଦ୍ର ପ୍ରସାଦ ସେଠୀଙ୍କୁ ବିଜେଡି କର୍ମୀ ହତ୍ୟା କରାଯିବା ନେଇ ବିରୋଧୀ ଭାଜପାର ଅଭିଯୋଗ ଭିତ୍ତିହୀନ ସାବ୍ୟସ୍ତ ହୋଇଛି । ମଙ୍ଗଳବାର ଶବ ବ୍ୟବଚ୍ଛେଦ ରିପୋର୍ଟରେ ବୃଦ୍ଧ ସେଠୀଙ୍କ ମୃତ୍ୟୁ ହୃଦ୍‌ଘାତଜନିତ ଜଣାପଡିବା ପରେ ଶାସକ ଦଳ କଡା ପ୍ରତିକ୍ରିୟା ରଖିଛନ୍ତି । ସ୍ୱାଭାବିକ ମୃତ୍ୟୁକୁ ନେଇ ଭାଜପା ନେତା ଓ କର୍ମୀମାନେ ବିଜୁ ଜନତା ଦଳ କର୍ମୀ ତଥା ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନାମକୁ ଯୋଡି ହତ୍ୟା ଅଭିଯୋଗ ଆଣିବା ହୀନ ମାନସିକତା ଏବଂ ଏହା ସେହି ଭାଜପା ପାଇଁ ଆଗାମୀ ଦିନରେ ବୁମେରାଂ ହେବ । ଖଇରା ସିମୁଳିଆବାସୀ ଏହାର ଉଚିତ୍ ଜବାବ ଦେବେ। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନ ଭଳି ୨୦୨୪ରେ ଭାଜପା ମାଟି କାମୁଡିବ ବୋଲି ବିଜେଡି ନେତ୍ରୀ ତଥା ୬ନଂ. ଜୋନର ଜିଲାପରିଷଦ ସଭ୍ୟ ସୁଷମା ମହାପାତ୍ର କହିଛନ୍ତି।

ବିଜୁ ଜନତା ଦଳ ତଥା ପର୍ଯ୍ୟଟନ ମନ୍ତ୍ରୀଙ୍କୁ ବଦ୍‌ନାମ କରିବା ପାଇଁ ଭାଜପା ଏହାକୁ ହତ୍ୟାର ରଙ୍ଗ ଦେଇଥିବା ଡୁଙ୍ଗୁରା ସରପଞ୍ଚ ପ୍ରକାଶ ଲେଙ୍କା କହିଛନ୍ତି। ୧୬ତାରିଖ ରାତିରେ ମିଳନ ପଡିଆରେ କୌଣସି ଗଣ୍ଡଗୋଳ ଘଟି ନ ଥିଲା ବୋଲି ଗ୍ରାମବାସୀ ପୋଲିସକୁ ପୂର୍ବରୁ କହିସାରିଥିଲେ। କେବଳ ଭାଜପାର ଏକ ଷଡଯନ୍ତ୍ର ବୋଲି ବଡଜୟୀପୁର ପଞ୍ଚାୟତର ବିଜେଡି ନେତା ବାବୁ ସେଠୀ କହିଛନ୍ତି । ୧୬ତାରିଖ ଏହି ଘଟଣାକୁ ଭାଜପା ନେତୃବୃନ୍ଦ ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ୧୭ତାରିଖରେ ସିମୁଳିଆ ଥାନା ସମ୍ମୁଖରେ ଶବ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ହତ୍ୟାକାଣ୍ଡ ପଛରେ ବିଜେଡି କର୍ମୀ ତଥା ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମ୍ପୃକ୍ତି ଥିବା ନେଇ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିବାକୁ ପଛାଇ ନ ଥିଲେ। ଉପେନ୍ଦ୍ରଙ୍କ ପରିବାରଙ୍କ ଅଭିଯୋଗକ୍ରମେ ସିମୁଳିଆ ପୋଲିସ ୬ଜଣଙ୍କ ନାମରେ ଏକ ମାମଲା(ନଂ.୧୦୦/୨୨) ରୁଜୁକରିଥିଲା।

# ଟଙ୍କା କାରବାରକୁ ନେଇ ଭିଡିଓ ଭାଇରାଲ



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

**ଅଭିଯୋଗ ଆଣିଲା ଭାଜପା**

ଯୋଡ଼ା,୨୩।୩ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ନିର୍ବାଚନ ଲାଗି ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ବିଭିନ୍ନ ଦଳ ତଥା ସ୍ୱାଧୀନ ପ୍ରାର୍ଥୀମାନେ ରାଜନୈତିକ ରଣକୌଶଳ ଆପଣାଉଛନ୍ତି। ବିଜେଡି ପକ୍ଷରୁ ବୁଧବାର ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଟଙ୍କା ବଣ୍ଟନ କରାଯାଉଥିବା ଭାଜପା ଅଭିଯୋଗ କରିଛି। ବୁଧବାର ଅପରାହ୍ନ ୫ଟାରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଏନେଇ ବିସ୍ତୃତ ଭାବେ କୁହାଯାଇଛି।

ଅଭିଯୋଗ ଅନୁଯାୟୀ, ଯୋଡା ପୌରପାଳିକାର ୪ ନଂ. ୱାର୍ଡ ମାର୍କେଟ ଭିତରେ କେତେଜଣ ଭୋଟରଙ୍କୁ ଦିନ ଦ୍ୱିପହରରେ ଖୋଲାଖୋଲି ଭାବେ ଏହି ଦଳରେ ନୂତନ ଭାବେ ଯୋଗଦାନ ଦେଇଥିବା ଜଣେ କର୍ମୀ ନଗଦ ଟଙ୍କା ବାଣ୍ଟୁଥିଲେ ଏବଂ ଏହି ଦଳର ଚିହ୍ନରେ ମୋହର ମାରିବାକୁ କହୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ କେନ୍ଦ୍ର କରି ଯୋଡା ଭାଜପା ନଗର ସଭାପତି ତଥା ପୌରପାଳିକା ଅଧ୍ୟକ୍ଷ ପ୍ରାର୍ଥୀ ସୁଶାନ୍ତ କୁମାର ବେବର୍ତ୍ତାଙ୍କ ସମେତ ନଗର ଉପସଭାପତି ପାର୍ଥସାରଥୀ ଷଡଙ୍ଗୀ, ସମ୍ପାଦକ ଅନନ୍ତ ଟୁଡୁଙ୍କ ସହ ସମସ୍ତ ୱାର୍ଡ କାଉନସିଲର ପ୍ରାର୍ଥୀ ଏହି ଖବରଦାତା ସମ୍ମିଳନୀରେ ଯୋଗଦେଇ ଅଭିଯୋଗ ଆଣିଥିଲେ । ଅଧ୍ୟକ୍ଷ ପ୍ରାର୍ଥୀ ବେବର୍ତ୍ତା ଖବରଦାତାଙ୍କୁ କହିଥିଲେ ଯେ ଟଙ୍କା ବଣ୍ଟନ ନେଇ ଯୋଡା ଥାନା ଆଇଆଇସିଙ୍କୁ ଜଣାଇ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଏତଲା ଦେବା ସହିତ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଇ-ମେଲ ଯୋଗେ ଅଭିଯୋଗ କରାଯାଇଥିବା କହିଛନ୍ତି। ଏହା ତଦନ୍ତ ପରିସରଭୁକ୍ତ ବୋଲି ପୋଲିସ କହିଛି ଏବଂ ଭାଇରାଲ ଭିଡିଓର ତଥ୍ୟ ଯାଞ୍ଚ କରାଯାଉଛି ।

# କମେଣ୍ଟମରାକୁ ନେଇ ସଂଘବଦ୍ଧ ଆକ୍ରମଣ: ଜଣେ ଗୁରୁତର

ବୈଶିଙ୍ଗା, ୨୩।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଗ୍ରାମର ଜଗନ୍ନାଥ ବେହେରା (୪୦) ବୁଧବାର ମଧ୍ୟାହ୍ନରେ କେତେଜଣ ଯୁବକଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇ ବାଲେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ପୂର୍ବଶତ୍ରୁତାରୁ ଏଭଳି ଆକ୍ରମଣ ହୋଇଥିବା ଜଣାପଡିଛି।

ଆହତ ଜଗନ୍ନାଥଙ୍କ ପୁଅ ଓ ତାଙ୍କ ସାଙ୍ଗମାନଙ୍କ ମଧ୍ୟରେ କମେଣ୍ଟମରାକୁ ନେଇ ବଚସା ହୋଇଥିଲା। ଏହାକୁ କେନ୍ଦ୍ର କରି ୪ରୁ ୫ ଜଣ ଯୁବକ ପ୍ରତିଶୋଧ ନେବା ଆଳରେ ଅତର୍କିତ ଭାବେ ଜଗନ୍ନାଥଙ୍କୁ ଧରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଆହତ ଅବସ୍ଥାରେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ବୈଶିଙ୍ଗା ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ପହଞ୍ଚି ଆକ୍ରମଣ ସନ୍ଦେହରେ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖାଦେଇଛି। ଥାନା ପରିସରରେ ପଦ୍ମନାଭପୁର, ଗଣ୍ଡର୍ଦା ଓ ମାକନ୍ଦା ଆଦି ଅଞ୍ଚଳରୁ ବହୁ ଲୋକ ଏକାଠି ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷାବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଉତ୍କଳକେଶରୀ ଆଗରପଡ଼ା ମହୋତ୍ସବର ୮ମ ସନ୍ଧ୍ୟା




ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବନ୍ତ,୨୩।୩(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ସ୍ଥିତ ହେମପଦ୍ମ ଗାଲାକ୍ସିଠାରେ ଚାଲିଥିବା ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୮ମ ସନ୍ଧ୍ୟାରେ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କ ସଂଳାପ ଓ ଅଭିନୟ ଦର୍ଶକଙ୍କୁ ବିଭୋର କରିଥିଲା। ମହୋତ୍ସବ କମିଟି ସଭାପତି ଆଇନଜୀବୀ ମନୋଜ ରାୟ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ରଘୁନାଥ ଲେଙ୍କା ଯୋଗଦେଇ ମହୋତ୍ସବ ମାଧ୍ୟମରେ ଗ୍ରାମାଞ୍ଚଳରେ ଓଡ଼ିଶାର କଳା ଓ ସଂସ୍କୃତିର ବିକାଶ ଘଟିପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଚିତ୍ରଶିଳ୍ପୀ ଗୁରୁ ଜୟନ୍ତ କୁମାର ନାୟକ, ଓଏନ୍‌ଏସ୍ ପୁରୀ ନିର୍ଦ୍ଦେଶକ ରାଜେଶ କୁମାର ରଥ, ପ୍ରଫେସର ମାନସ ଦାସ, ଓଡ଼ିଶୀ ନୃତ୍ୟଗୁରୁ ରିଚିସ୍ମିତା ମହାନ୍ତି, ସାମାଜିକ କର୍ମୀ ମନ୍ମଥ ଦାସ, ଅଭିନେତ୍ରୀ ଯସ୍ମିନ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସାଧାରଣ ସମ୍ପାଦକ ହେମନ୍ତ ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ ଗୋପାଳ କୃଷ୍ଣ ଦାଶ, ରଥ ବେହେରା, କୈଳାସ ଧଳ, ଉପସଭାପତି ଅମୀୟ ରଞ୍ଜନ ରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରକାରୀ ମଦ ଦୋକାନକୁ ବିରୋଧ

**ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ**

ବାଲେଶ୍ୱର ଅଫିସ, ୨୩।୩

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଖନ୍ତାପଡ଼ା ରେଳଷ୍ଟେଶନ ନିକଟରେ କରାଯାଇଥିବା ମଦ ଦୋକାନ ଏବଂ ବାର୍‌କୁ ଗ୍ରାମବାସୀ ବିରୋଧ କରି ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଉକ୍ତ ରେଳଷ୍ଟେଶନ ଦେଇଯାଇଥିବା ପୂର୍ବ ବିଭାଗର ମୁଖ୍ୟ ରାସ୍ତା ପଶ୍ଚିମ ପାଖରେ ନୂତନ ଭାବେ ସରକାରୀ ମଦ ଦୋକାନ କରିବା ପାଇଁ ଜଣେ ବ୍ୟବସାୟୀ ଅନୁମତି ପାଇଛନ୍ତି। ସେ ଗ୍ରାମ ମଝିରେ ମଦ ଦୋକାନ ସହ ବାର୍ ଖୋଲି ଦେଶୀ, ବିଦେଶୀ ଓ ଚୋରା ମଦ ବିକ୍ରୟ କରୁଛନ୍ତି। ଉକ୍ତ ରାସ୍ତା ଦେଇ ଚକଜଗନ୍ନାଥପୁର, ରସାଳପୁର, ଇଞ୍ଚୁଡି, ଭୀମପୁର, ଶ୍ରୀଜଙ୍ଗ, କୁଲିଗାଁ, ବରୁଣସିଂ, ଖନ୍ତାପଡ଼ା, କସବାଜୟପୁର, ଶେରଗଡ଼, ନୂଆଗାଁ, ମହାରାଜପୁର ଗ୍ରାମର ହଜାର ହଜାର ଲୋକେ ପ୍ରତିଦିନ ଯା'ଆସ କରିଥାନ୍ତି। ଏଥିସହିତ ଦୈନିକ ସ୍କୁଲ ଛାତ୍ରୀଛାତ୍ର ମଧ୍ୟ ଯା'ଆସ କରିବା ସହ ମହିଳାମାନେ ନିକଟସ୍ଥ ମନ୍ଦିରକୁ ଯାଇଥାନ୍ତି। ମାତ୍ର ଅଳ୍ପ ଦୂରରେ ଗର୍ଲସ ହାଇସ୍କୁଲ ଖନ୍ତାପଡ଼ା, ବ୍ୟାଙ୍କ, ପୋଷ୍ଟଅଫିସ୍, ମେଡିକାଲ ଷ୍ଟୋର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ। ଅବକାରୀ ବିଭାଗୀୟ ଅଧିକାରୀ ମଦ ଦୋକାନ ଏବଂ ବାର୍ ଖୋଲିବା ପାଇ କିପରି ଭାବେ ଅନୁମତି ଦେଲେ ତାହା ନିନ୍ଦନୀୟ ବୋଲି ଗ୍ରାମର ହରିଶ୍ଚନ୍ଦ୍ର ପ୍ରଧାନ, ସୁକାନ୍ତ ପ୍ରଧାନ, ଦୀପକ ରାଉତ, ଖଗେନ୍ଦ୍ର ସାହୁ, ଦିଲୀପ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ଅନୁମତିକୁ ରଦ୍ଦ କରିବା ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅବକାରୀ ବିଭାଗର ଡେପୁଟି କମିଶନର ଅଶୋକ କୁମାର ଶତପଥୀ, ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ୍, ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କୁ ଲିଖିତ ମଧ୍ୟ ଜଣାଇଛନ୍ତି। ଏହାକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଏହା ଆନ୍ଦୋଳନାତ୍ମକ ରୂପ ନେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଅଚେତ ଅବସ୍ଥାରେ ବୃଦ୍ଧ ଉଦ୍ଧାର

ବାଲିଆପାଳ, ୨୩।୩(ସ୍ୱ.ପ୍ର.)

ବାଲିଆପାଳ ଥାନା ବଡ଼ାସ ଗ୍ରାମ ଦେଇ ପ୍ରବାହିତ କଟୁଆ ଖାଳ ଓ ସମୁଦ୍ର ସ୍ରୋତର ମିଳନ ସ୍ଥଳରେ ଥିବା ଜଙ୍ଗଲରୁ ଅଚେତ ଅବସ୍ଥାରେ ଜଣେ ବୃଦ୍ଧଙ୍କୁ ଉଦ୍ଧାର କରାଯାଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପାକମୁଡ଼ି ଗ୍ରାମର ତାପସ କରଣ ସମୁଦ୍ରରୁ ମାଛ ଧରି ଡଙ୍ଗାରେ ଫେରୁଥିବା ବେଳେ ଜଙ୍ଗଲ ଭିତରେ ଜଣେ ବୃଦ୍ଧ ପଡ଼ିଥିବା ଖବର ପାଇଥିଲେ। ଗ୍ରାମବାସୀଙ୍କ ସହଯୋଗରେ ତାପସ ଡଙ୍ଗାରେ ସେଠାରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି କୂଳକୁ ଆଣୁଥିବା ବେଳେ ଅଗ୍ନିଶମ ବିଭାଗର କର୍ମକର୍ତ୍ତା ପହଞ୍ଚି ବୃଦ୍ଧଙ୍କୁ ନିଜ ପାୱାରବୋଟରେ କୂଳକୁ ଆଣିଥିଲେ। ସେଠାରୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଭୋଟ ନ ଦେବାରୁ ଜମିକୁ ପାଣି ଦିଆଯାଉନି

ପାଟଣା, ୨୩।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଷାଖୋରି ପଞ୍ଚାୟତ ରଥପଡ଼ା, ଭାଲୁଘର, ବଡ଼ପଡିଆପଶି ଓ ମୂଷାନାଳୀ ଗ୍ରାମର ଶତାଧିକ ପରିବା ଚାଷୀ ଭୋଟ ନ ଦେବାରୁ ଚାଷ ଜମିକୁ ପାଣି ଦିଆଯାଉନି ବୋଲି ଅଭିଯୋଗ କରିଛନ୍ତି। ଏହି ଚାଷୀ ମାନେ ସୋମବାର ମୁଷାଖରୀ ସରପଞ୍ଚ ଭାମାମଣୀ ଦାସଙ୍କୁ ଭେଟି ମୁଷାଖରୀ ଆହାର ବନ୍ଧରୁ ପାଣି ଛାଡିବାକୁ ନିବେଦନ କରିଛନ୍ତି। ପାଣି ବିନା ସେମାନଙ୍କର ପରିବା ଫସଲ ସହ ସୋରିଷ, ସୂର୍ଯ୍ୟମୁଖୀ ଚାଷ ଉଜୁଡି ଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଚାଷୀ ମାନେ ପ୍ରତିବର୍ଷ ଆହାର ବନ୍ଧରୁ କେନାଲ ଜରିଆରେ ପାଣି ନେଇ ଚାଷ କରୁଥିଲେ। ହେଲେ ଚଳିତ ବର୍ଷ ପଞ୍ଚାୟତ ନିର୍ବାଚନରେ ବନ୍ଧକୁ ନିଲାମରେ ନେଇଥିବା ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର ସମର୍ଥକ ସରପଞ୍ଚ ପ୍ରାର୍ଥୀ ହାରିଯିବାରୁ ଚାଷୀଙ୍କ ଜମିକୁ ପାଣି ଛାଡିବାକୁ ମନା କରିଦେଇଥିବା ଚାଷୀମାନେ କହିଛନ୍ତି। ଚାଷୀଙ୍କ ଜମିକୁ ତୁରନ୍ତ ପାଣି ବ୍ୟବସ୍ଥା କରିବାକୁ ପ୍ରଭାବିତ ଚାଷୀ ମାନେ ଦାବି କରିଛନ୍ତି। ଏସମ୍ପର୍କରେ ମୁଷାଖରୀ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାହୁ କହିଛନ୍ତି, ଉକ୍ତ ବନ୍ଧକୁ ଦୁଇଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମାଛ ଚାଷ କରି ସାବଲମ୍ବୀ ହେବାକୁ ୩ବର୍ଷ ପର୍ଯ୍ୟନ୍ତ ୨ଲକ୍ଷ ୫୫ ହଜାର ଟଙ୍କାର ଲିଜ୍ ସୂତ୍ରରେ ଦିଆଯାଇଛି। ନିୟମ ଅନୁଯାୟୀ ବନ୍ଧ ୭ ଫୁଟରୁ ଊର୍ଦ୍ଧ୍ୱ ପାଣି ଥିଲେ ବନ୍ଧରୁ ଚାଷ ଜମିକୁ ପାଣି ଛଡ଼ାଯିବାର ବ୍ୟବସ୍ଥା ରହିଛି। ଏବେ ବନ୍ଧରେ ୧୨ ଫୁଟ ଉପରେ ପାଣି ଥାଇ ଚାଷୀଙ୍କୁ ପାଣି ଦିଆଯାଉ ନ ଥିବା ଅଭିଯୋଗ ହେବା ପରେ ସମସ୍ତ ଘଟଣା ସମ୍ପର୍କରେ ବିଡିଓ ଈଶ୍ୱର ଚନ୍ଦ୍ର ନାଏକଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଅବଗତ କରାଯାଇଛି। ସବିଶେଷ ତଥ୍ୟ ଅନୁଯାୟୀ ସରପଞ୍ଚ ଉଭୟ ପକ୍ଷଙ୍କୁ ସମାଧାନ କରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଡାକିଛନ୍ତି।

# ଉପଭୋକ୍ତାଙ୍କ ଆକ୍ରୋଶର ଶିକାର ବିଦ୍ୟୁତ୍ କର୍ମଚାରୀ: ଜଣେ ଗିରଫ

ଚାନ୍ଦବାଲି, ୨୩।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳରେ ବିଦ୍ୟୁତ୍ ବିଭାଗୀୟ କର୍ମଚାରୀ ଉପଭୋକ୍ତାଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଏନେଇ ଅଭିଯୋଗ କ୍ରମେ ବାଂଶଡ଼ା ଓ ଚାନ୍ଦବାଲି ଥାନାରେ ମାମଲା ରୁଜୁ ହୋଇଛି। ବାଂଶଡ଼ା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଦୁଇଜଣ ଫେରାର ଅଛନ୍ତି।

ସୂଚନା ଅନୁଯାୟୀ, ଚାନ୍ଦବାଲି ପାଇକିରାପୁରଠାରେ ୧୩୨/୩୩ କେଭି ବିଦ୍ୟୁତ୍ ଗ୍ରୀଡ୍ ଏବଂ ମତୋଠାରେ ୩୩/୧୧କେଭି ବିଦ୍ୟୁତ୍ ଷ୍ଟ୍ରକ୍ଚର ନିର୍ମାଣ ହେବା ପରେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଛି ଓ ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ ହୋଇଯାଇଛି। ବିଭାଗ ପକ୍ଷରୁ ଚଳିତ ମାସ ୮ ତାରିଖରେ ବାଂଶଡ଼ା ଥାନା ଅଧୀନ ମଉସୁଧା ଗାଁରେ ବିଦ୍ୟୁତ୍ ବିଲ୍ ଆଦାୟକୁ ନେଇ ବଚସା ସହ ୩ଜଣ ଯୁବକ କର୍ମଚାରୀଙ୍କୁ ଗାଳିଗୁଲଜ ଓ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ତିହିଡ଼ି ସବ୍‌ଡିଭିଜନ ଏସ୍‌ଡିଓ ଭାଗିରଥୀ ପଣ୍ଡା ବାଂଶଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ.୯୯/୨୨) ରୁଜୁ ହୋଇଛି। ସେହିପରି ଚଳିତ ମାସ ୧୬ ତାରିଖରେ ମତୋ ୩୩/୧୧କେଭି ବିଦ୍ୟୁତ୍ ଷ୍ଟ୍ରକ୍ଚରରେ ବିଲ୍ ରିଭିଜନ କରାଯାଉଥିଲା। ଦୁଇଜଣ ଯୁବକ ସେଠାରେ ପଶି କାର୍ଯ୍ୟରତ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। ଏନେଇ ଅଭିଯୋଗ ହେବା ପରେ ଚାନ୍ଦବାଲି ଥାନା ପୋଲିସ ମାମଲା (ନଂ.୧୦୬/୨୨) ରୁଜୁ କରିଛି। କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଯୋଗୁ ବିଦ୍ୟୁତ୍ ବିଭାଗୀୟ କର୍ମଚାରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

# ହାଇସ୍କୁଲ ଛାତ୍ରୀଛାତ୍ରଙ୍କ କବିତା ଆସର

ବାଲେଶ୍ୱର ଅଫିସ, ୨୩।୩

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ତରତରି ବାଳିକା ବିଦ୍ୟାନିକେତନ ପରିସରରେ ନୀଳପ୍ରଭା ସାହିତ୍ୟ ପରିଷଦର ସାରସ୍ୱତ ସମାରୋହ ଆନୁକୂଲ୍ୟରେ ହାଇସ୍କୁଲସ୍ତରୀୟ ଛାତ୍ରୀଛାତ୍ରଙ୍କର ସ୍ୱରଚିତ କବିତା ଆବୃତ୍ତି ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ସ୍କୁଲର ୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ବିକାଶ ରଞ୍ଜନ ଜେନା ତତ୍ତ୍ୱାବଧାନରେ ଅନୁଷ୍ଠିତ ଆସରରେ ପରୀକ୍ଷକ ଭାବେ ଭାଲୁକୁପୁଷି ଏମ୍‌ଇ ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ବେହେରା, ରତ୍ନାକର ଟାଉନ୍ ହାଇସ୍କୁଲର ଅତିଥି ଶିକ୍ଷକ ଶିବସୁନ୍ଦର ସାହୁ, ନୀଳପ୍ରଭା ସାହିତ୍ୟ ପରିଷଦର ସମ୍ପାଦକ ଗଙ୍ଗାଧର ଦାସ ଓ ତେଲିପାଳ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁ ଯୋଗଦେଇଥିଲେ। ପ୍ରଥମ ପୁରସ୍କାର



କବିତା ଆସରରେ ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ର।

ବିଜେତା ହେଲେ ତରତରି ବାଳିକା ବିଦ୍ୟାନିକେତନର ଜୟଶ୍ରୀ ବେହେରା, ଦ୍ୱିତୀୟ ବିଜେତା ଛତ୍ରପୁର ହାଇସ୍କୁଲର ସୁଭଦ୍ରା ମହାକୁଡ଼ ଓ ତୃତୀୟ ବିଜେତା ତେଲିପାଳ ହାଇସ୍କୁଲର ଜ୍ୟୋତିପ୍ରକାଶ ମଲ୍ଲିକ। ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ନୀଳପ୍ରଭା ସାହିତ୍ୟ ପରିଷଦ ତରଫରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ବିଜେତାଙ୍କୁ ଆସନ୍ତା ୨୭ତାରିଖରେ ହେବାକୁ ଥିବା ନୀଳପ୍ରଭା ସାହିତ୍ୟ ସମାରୋହରେ ସମ୍ବର୍ଦ୍ଧନା ଓ ପୁରସ୍କୃତ କରାଯିବ। ଆଞ୍ଚଳିକ ଶିକ୍ଷାବିତ୍ ନିତ୍ୟାନନ୍ଦ ବେହେରା ଓ ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ତଥା ତରତରି ବାଳିକା ବିଦ୍ୟାନିକେତନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଣଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ। ଶିକ୍ଷକ ମନୋଜ କୁମାର ସି ଧନ୍ୟବାଦ ଦେଇଥିଲେ।

## ନବନିର୍ବାଚିତ ପଞ୍ଚାୟତ ସମିତି ଉପାଧକ୍ଷ

### ବାଲେଶ୍ୱର ଜିଲା


ଚୈତନ୍ୟ ସିଂ, ସଦର | ସୁମତୀ ବେହେରା, ରେମୁଣା | ଜ୍ୟୋତିର୍ମୟ ପୁଥାଳ, ନୀଳଗିରି


ବାସନ୍ତୀ ପତି, ବାହାନଗା | ପ୍ରଭାକର ସାହୁ, ଔପଦା | ଭ୍ରମରବର ନାୟକ, ସୋର


ଗଜେନ୍ଦ୍ର ନାଥ ପରିଡ଼ା, ଖଇରା | ହିମାଦ୍ରୀ ନନ୍ଦିନୀ ମହାପାତ୍ର, ସିମୁଳିଆ | ମୀନାରାଣୀ ସାସମଲ, ଭୋଗରାଇ


ସଞ୍ଜିତା ବେହେରା, ଜଳେଶ୍ୱର | ରାଜେଶ ଚୌଧୁରୀ, ବାଲିଆପାଳ | ଦିଲୀପ କୁମାର ଦାସମହାପାତ୍ର, ବସ୍ତା

### ମୟୂରଭଞ୍ଜ


ସୁନିତା ସିଂ, ବାରିପଦା | କାଞ୍ଚନ କୁମାର ପ୍ରଧାନ, ବଡ଼ସାହି | ଦେବଦତ୍ତ ତିଆଡ଼ି, ବେତନଟୀ


ପୂର୍ଣ୍ଣଚନ୍ଦ୍ର ବସା, ବହଳଦା | ଚନ୍ଦ୍ରମୋହନ ଗିରି, ବିଶୋଇ | ରତିକାନ୍ତ ସିଂ, ବାଙ୍ଗିରିପୋଷି


ରୂପାମଣି ଟୁଡୁ, ବିଜାତଳା | ପଦନ ଦେହୁରୀ, ରାସଗୋବିନ୍ଦପୁର | ଜେମାମଣି ମହାନ୍ତ, ମୋରଡ଼ା | ଜ୍ୟୋତିଲାଲ ବାରିକ, ଶୁଳିଆପଦା


ନମିତା ସିଂ, ଶାମାଖୁଣ୍ଟା | ଜବା କିସ୍କୁ, ଖୁଣ୍ଟା | ରଶ୍ମିତା ଚୌଧୁରୀ, ଗୋପବନ୍ଧୁନଗର | ରଜନୀକାନ୍ତ ଦାସ, ଉଦଳା


ଦାନଗୀ ହେମ୍ବ୍ରମ, କପ୍ତିପଦା | ପୂର୍ଣ୍ଣିମା ବରଦା, ତିରିଂ | କମଳା ମହାନ୍ତ, ରରୁଆଁ | ଲକ୍ଷ୍ମୀ ଟୁଡୁ, ଜାମଦା


ସୀତାରାମ ଚାତାର, ଶୁକୃଳି | ମିହିର ଘୋଷ, ସାରସକଣା | ଦିଲ୍ଲୀପ ଗିରି, କୁସୁମୀ | ମିନତୀ ମହାନ୍ତ, ରାଇରଙ୍ଗପୁର


ସନ୍ତୋଷ କୁମାର ମହାନ୍ତ, ଠାକୁରମୁଣ୍ଡା | ଛତିଶ ଚନ୍ଦ୍ର ମହାନ୍ତ, କରଞ୍ଜିଆ | ଅନୀମା ସାହୁ, କୁଳିଅଣା | କନକଲତା ଦାସ, ଯଶିପୁର

# ପୌର ନିର୍ବାଚନ ପାଇଁ ପ୍ରଶାସନିକ ତତ୍ପରତା

**ବାସୁଦେବପୁର, ୨୩।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨୩ ୱାର୍ଡରେ ଅବାଧ ଓ ମୁକ୍ତ ପୌର ନିର୍ବାଚନ ପାଇଁ ପ୍ରଶାସନିକ ତତ୍ପରତା ଦେଖା ଦେଇଛି। ୨୩ ୱାର୍ଡରେ ଭୋଟ୍‌ଗ୍ରହଣ ନିମନ୍ତେ ୩୬ଟି ବୁଥ୍ କରାଯାଇଛି। ସମସ୍ତ ଭୋଟଗ୍ରହଣ କେନ୍ଦ୍ରକୁ ପୋଲିଂ ପାର୍ଟି, ପୋଲିସ ସହ ଇଭିଏମ୍ ପଠାଯାଇଛି। ୩୬ ବୁଥ୍ ମଧ୍ୟରୁ ୮ଟିକୁ ସମ୍ବେଦନଶୀଳ ଓ ଅନ୍ୟ ୮ଟିକୁ ଅତି ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଏହିସବୁ ବୁଥ୍ ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିଥିବା ବାସୁଦେବପୁର ଥାନା ଆଇଆଇସି ଅମିତ କୁମାର ଭୂୟାଁ କହିଛନ୍ତି। ମୋଟ ୨୭,୯୫୮ ଭୋଟର ମତଦାନ ସାବ୍ୟସ୍ତ କରିବେ।

# ଚିକିତ୍ସା ଅବହେଳା ଅଭିଯୋଗରେ ଉତ୍ତେଜନା

## ଆଶ୍ରମ ବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ ଘଟଣା

**ସଜନାଗଡ଼, ୨୩।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଭଡ଼ଁରିଆବାଡ଼ ପଞ୍ଚାୟତ ଅଧୀନ ବାଲିଆଝର ଆଶ୍ରମ ବିଦ୍ୟାଳୟର ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଚିକିତ୍ସା ଅବହେଳାରୁ ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ତାଙ୍କ ପରିବାର ଲୋକେ କ୍ଷତିପୂରଣ ଦାବି କରି ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ଉତ୍ତେଜନା ସୃଷ୍ଟି କରିଥିଲେ। ପରେ ଅଧିକାରୀମାନେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା ସହ ଆର୍ଥିକ ସହାୟତା ଓ ପରିବାରର ଜଣଙ୍କୁ ଚାକିରି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଶାନ୍ତ ପଡ଼ିଥିଲା।

ମଙ୍ଗଳବାର ପୂର୍ବାହ୍ନରେ ଛାତ୍ରୀଙ୍କ ଦେହ ହଠାତ୍ ଖରାପ ହେବାରୁ ପ୍ରଧାନ ଶିକ୍ଷକ ଶରତ ରାୟ ତାଙ୍କ ପରିବାରକୁ ଖବରଦେବା ସହ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ। ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ମେଡ଼ିକାଲ ଓ ସ୍କୁଲ କର୍ତ୍ତୃପକ୍ଷ ତାଙ୍କର ମା', ବାପାଙ୍କୁ ବୁଝାଇ ଶୁଝାଇ ମୃତଦେହକୁ ତାଙ୍କର ଘରକୁ ନେଇଯାଇଥିଲେ। ଛାତ୍ରୀଙ୍କ ଚିକିତ୍ସାରେ ଅବହେଳା କରାଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ଲୋକେ ରାତିରେ ମୃତଦେହକୁ ପୁଣି ନୀଳଗିରି ମେଡ଼ିକାଲକୁ ଶବ ବ୍ୟବଚ୍ଛେଦ କରିବା ପାଇଁ ନେଇ ଆସିଥିଲେ। ବୁଧବାର ବାଲିଆଝର ଆଶ୍ରମ ସ୍କୁଲ କମିଟି କେତେଜଣ ସଦସ୍ୟ, ପରିବାର ଲୋକେ ଓ ପାଖ ଗ୍ରାମବାସୀ ଚିକିତ୍ସାରେ ଅବହେଳା, ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ କରି ବାଲିଆଝର ଆଶ୍ରମ ସ୍କୁଲ ସମ୍ମୁଖରେ ଦୀର୍ଘ ୪ଘଣ୍ଟା ଧରି ଉତ୍ତେଜନା ସୃଷ୍ଟି କରିଥିଲେ। ପରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର (ଡିଡବ୍ଲୁଓ) ଜିଲା ମଙ୍ଗଳ ଅଧିକାରୀ ବିଶ୍ୱଦର୍ଶୀ ସାହୁ, ଭଡ଼ଁରିଆବାଡ଼ ପଞ୍ଚାୟତ ସରପଞ୍ଚ ସଞ୍ଜୟ ସିଂଙ୍କ ଉପସ୍ଥିତିରେ ଛାତ୍ରୀଙ୍କ ଶୁଦ୍ଧିକ୍ରିୟା ଲାଗି ଆର୍ଥିକ ସହାୟତା, ଉକ୍ତ ପରିବାରର ଜଣଙ୍କୁ ଚାକିରି ଓ ବିଭାଗୀୟ ତଦନ୍ତର ପ୍ରତିଶ୍ରୁତି ପରେ ଉତ୍ତେଜନା ଶାନ୍ତ ପଡିଥିଲା। ପରେ ନୀଳଗିରି ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ ହୋଇ ନ ପାରିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇଥିଲା।


ବାଲିଆଝର ଆଶ୍ରମ ସମ୍ମୁଖରେ ଉତ୍ତେଜନା।

# ୨୮ ୱାର୍ଡରେ ୮୨ ବୁଥ୍

## ପୌର ନିର୍ବାଚନ ଆଜି

**ବାରିପଦା ଅଫିସ,୨୩।୩**

ବାରିପଦା ପୌର ପରିଷଦ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁ ଭୋଟରମାନଙ୍କ ପାଇଁ ସେଡ୍, ପାନୀୟ ଜଳ ଓ ଫାଷ୍ଟଏଡ୍ ବ୍ୟବସ୍ଥା କରାଯାଇଛି। ବାରିପଦା ପୌର ପରିଷଦରେ ଥିବା ୨୮ ୱାର୍ଡରେ ୮୨ଟି ବୁଥ୍ କରାଯାଇଛି। ପ୍ରତି ବୁଥ୍ ପାଇଁ ୫ ଜଣ ଲେଖାଏ ଅଧିକାରୀ ନିୟୋଜିତ ହୋଇଛନ୍ତି। ମୋଟ ୪୧୦ ଜଣ ଅଧିକାରୀ ଇଭିଏମ୍ ସହ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ମହିଳା ଭୋଟରଙ୍କ ପାଇଁ ୩ଟି ପିଙ୍କ୍ ବୁଥ୍ କରାଯାଇଥିବା ବେଳେ ୩ଟି ମଡେଲ ବୁଥ୍ କରାଯାଇଛି। ଉତ୍ତେଜନା ପ୍ରବଣ ବୁଥ୍‌ଗୁଡ଼ିକରେ ଦୁଇଜଣ ଲେଖାଏ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି।

# ଟଙ୍କା ବାଣ୍ଟିବାକୁ କେନ୍ଦ୍ର କରି ହିଂସା, ୪ ଆହତ

**କେନ୍ଦୁଝର, ୨୩।୩ (ସ୍ୱ.ପ୍ର.)**

ଟଙ୍କା ବାଣ୍ଟିବା କେନ୍ଦ୍ର କରି ଗତ ମଙ୍ଗଳବାର ରାତିରେ କେନ୍ଦୁଝର ପୌରାଞ୍ଚଳ ଆଟପୁରରେ ହିଂସାକାଣ୍ଡ ଘଟିଛି। ଏହି ଘଟଣାରେ ୪ ଜଣ ଆହତ ହୋଇଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଏନେଇ ଭାଜପା ପକ୍ଷରୁ ସଦର ବିଧାୟକ ମୋହନ ମାଝୀଙ୍କ ନେତୃତ୍ୱରେ ମଙ୍ଗଳବାର ରାତିରେ ଟାଉନ ଥାନାରେ ଧାରଣା ଦିଆଯାଇଥିଲା। ପ୍ରକାଶ ଯେ, ପୌରନିର୍ବାଚନ ପାଇଁ ପ୍ରଚାର ସରିବା ପରେ କେନ୍ଦୁଝର ସହରର ବିଭିନ୍ନ ସାହିରେ ନିର୍ବାଚନୀ ବିବାଦ ଓ ହିଂସା ମୁଣ୍ଡ ଟେକୁଛି। ଟଙ୍କା ନ ନେବାରୁ ଜଣେ ମହିଳାଙ୍କୁ ବାଣ୍ଟୁଥିବା ଏକ ନିର୍ଦ୍ଦିଷ୍ଟ ଦଳରେ କର୍ମୀ ମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ୪ ଜଣ ଆହତ ହୋଇଥିବା ବେଳେ ଏହି ଘଟଣାକୁ ପ୍ରତିବାଦ କରି ସଦର ଭାଜପା ବିଧାୟକ ମୋହନ ମାଝୀଙ୍କ ନେତୃତ୍ୱରେ ଭାଜପାର ନେତା ଓ କର୍ମୀ ମାନେ ଟାଉନ ଥାନାରେ ଧାରଣା ଦେଇଥିଲେ। ଏହି ଘଟଣାରେ ଜୁଲି ବେହେରା ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ପରିବାରର ଅନ୍ୟ ୩ଜଣ ଆହତ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ପରିବାର ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ଅପରପକ୍ଷରୁ ମଧ୍ୟ ଅଭିଯୋଗ ହୋଇଛି। ଏନେଇ ଦୁଇଟି ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଟାଉନ ଥାନା ଅଧିକାରୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି।

### କେନ୍ଦୁଝର


ଦିଲ୍ଲୀପ କୁମାର ବେହେରା, ସଦର ବ୍ଲକ | ଟୁନି ପଲେଇ, ବାଂଶପାଳ | ରଞ୍ଜିତା ମହାନ୍ତ, ତେଲକୋଇ


ବିଜୟ କୁମାର ସାହୁ, ହରିଚନ୍ଦନପୁର | ଯଦୁମଣି ନାଏକ, ଘଟଗାଁ | ପଞ୍ଚାନନ ବେହେରା, ଘସିପୁରା


ସଦାଶିବ ଦେହୁରୀ, ଆନନ୍ଦପୁର | ରତିକାନ୍ତ ରାଉତ, ହାଟଡିହୀ | ବୀଣାପାଣି ନାୟକ, ପାଟଣା


ଛବିରାଣୀ ସେଠୀ, ସାହାରପଡ଼ା | ମାନସ ବିଶ୍ୱାଳ, ଝୁମ୍ପୁରା | ମାଳତୀ ଖଟୁଆ, ଯୋଡ଼ା | ଚମ୍ପାବତୀ ମହାକୁଡ଼, ଚମ୍ପୁଆ

### ଭଦ୍ରକ


ମୁକୁନ୍ଦଦେବ ସାମଲ, ଭଦ୍ରକ | ମାଧୁରୀ ବାରିକ, ବାସୁଦେବପୁର | ପ୍ରଗତିବାଳା ସ୍ୱାଇଁ, ବନ୍ତ | ଜଗବନ୍ଧୁ ପ୍ରଧାନ, ଧାମନଗର | ପ୍ରଣୀତକାନ୍ତ ସାମଲ, ଭଣ୍ଡାରିପୋଖରୀ | ସରୋଜ କୁମାର ବଳ, ଚାନ୍ଦବାଲି | ସୁଭଦ୍ରା ଶତପଥୀ, ତିହିଡ଼ି

# ମେସ୍‌ରେ ଅଗ୍ନିକାଣ୍ଡ: ଜଳିଗଲା ୧୨ ବଖରା

**ଭଦ୍ରକ ଅଫିସ,୨୩।୩**

ଭଦ୍ରକ ସହରର ଜଗନ୍ନାଥପୁରରେ ଭଦ୍ରକ ଜିଲା ବୁଧବାର ମଧ୍ୟାହ୍ନରେ ସିଦ୍ଧାର୍ଥ ନାମକ ଏକ ଘରୋଇ ମେସ୍‌ରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୧୨ ବଖରାରୁ ଊର୍ଦ୍ଧ୍ୱ ଘର ଜଳିଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି।

ସୂଚନା ଅନୁଯାୟୀ, ରୋଷେଇ ସମୟରେ ଗ୍ୟାସ୍ ସିଲିଣ୍ଡରରୁ ନିଆଁ ବାହାରି ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି। ଦୁଇଟି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଗ୍ରୀଷ୍ମପ୍ରବାହ ଯୋଗୁ ଘରସବୁ ଜଳିଯାଇଥିଲା। ମେସ୍‌ରେ ରହୁଥିବା ଛାତ୍ରମାନଙ୍କ ବହି, ଖାତା, ପୋଷାକ ଓ ଆବଶ୍ୟକୀୟ ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବାହାନଗା, ୨୩।୩(ଡି.ଏନ.ଏ.)**

ବାଲେଶ୍ୱରରୁ ବାସୁଦେବପୁରକୁ ସଂଯୋଗ କରୁଥିବା ସଲ୍ଟ ରୋଡର ଝାଡତା ନିକଟରେ ଏକ ଦୁର୍ଘଟଣା ଘଟି ଅଜୟ କୁମାର ସାହୁ ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ଅଜୟଙ୍କ ଘର ବାହାନଗା ବ୍ଲକ ଓଳିଆପାଟଣା ଗ୍ରାମରେ। ସେ ମୋଟର ସାଇକେଲ ଯୋଗେ ଅପରାହ୍ନରେ ସାହାସପୁର ଗ୍ରାମସ୍ଥିତ ଶ୍ୱଶୁର ଘରକୁ ଆସୁଥିବା ବେଳେ ମାନସିକ ଭାରସାମ୍ୟ ହରାଇ ସଲ୍ଟରୋଡ କଡରେ ପଡିଥିବା କାଠଗଣ୍ଡିକୁ ଧକ୍କା ଦେଇଥିଲେ। ଫଳରେ ସେ ତଳେ ପଡିଯାଇଥିଲେ। ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପାଳପୁର ଫାଣ୍ଡି ପୋଲିସ୍ ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଇ-ଲାଇବ୍ରେରି ଉଦ୍‌ଘାଟିତ


ଭଦ୍ରକ ଓକିଲ ସଂଘ ସଭାଗୃହ ପରିସରରେ ଇ-ଲାଇବ୍ରେରି ଉଦ୍‌ଘାଟନ କରାଯାଉଛି।

**ଭଦ୍ରକ ଅଫିସ,୨୩।୩**

ଭଦ୍ରକ ଓକିଲ ସଂଘ ସଭାଗୃହ ପରିସରରେ ଥିବା ଇ-ଲାଇବ୍ରେରିକୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧରନ ବୁଧବାର ଭର୍ଚ୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଜଷ୍ଟିସ୍ ତଥା ଓଡ଼ିଶା ହାଇକୋର୍ଟ ଲାଇବ୍ରେରୀ କମିଟିର ଚେୟାରମ୍ୟାନ ଅରିନ୍ଦମ ସିହ୍ନା, ଅଲ୍ ଓଡ଼ିଶା ବାର୍ ଆସୋସିଏଶନ ସଭାପତି ନିର୍ମଳ ରଥ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଓକିଲ ସଂଘ ସଭାଗୃହ ପରିସରରେ ଅନୁଷ୍ଠିତ ଏହି ଆଭାସୀ ବୈଠକରେ ଅତିରିକ୍ତ ଜିଲା ଜଜ୍ ଆଶିଷ ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୁକ୍ତରଞ୍ଜନ ଶତ୍‌ପଥୀ, ରେଜିଷ୍ଟ୍ରାର ଅବକାଶ ଚୌଧୁରୀ, କୋର୍ଟ ମ୍ୟାନେଜର ମାନସ ରଥ, ଆଇନଜୀବୀ ନିରାକର ଜେନା, ବାର୍ ଆସୋସିଏଶନ ସଭାପତି ଦିଲୀପ ମହାପାତ୍ର, ସାଧାରଣ ସମ୍ପାଦକ ଜିତେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ପୌର ବ୍ୟାଙ୍କ ଖାତାରୁ ୨ କୋଟି ୪୪ ଲକ୍ଷ ଟଙ୍କା ଲୁଟ୍

## ତଦନ୍ତ ଭାର ନେଲା ଇଓଡବ୍ଲ୍ୟୁ

**ବଡ଼ବିଲ, ୨୩।୩ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ପୌର କାର୍ଯ୍ୟାଳୟ ବ୍ୟାଙ୍କ ଖାତାରୁ ୨ କୋଟି ୪୪ ଲକ୍ଷ ଟଙ୍କା ଲୁଟ୍ ହେବା ସୂଚନା ପାଇ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ବଡ଼ବିଲ ଥାନାରେ ଅଭିଯୋଗ କରିଛନ୍ତି। ତେବେ ମୋଟ ୪ଟି ଚେକ ଦ୍ୱାରା ଏହି ଟଙ୍କା ଦେଶର ବିଭିନ୍ନ ଅଞ୍ଚଳ ଯଥା କୋଲକାତା, ରାୟପୁର ଆଦି ସ୍ଥାନକୁ ଟ୍ରାନ୍ସଫର ହୋଇଛି। ଅଭିଯୋଗ ପରେ ସ୍ଥାନୀୟ ପୋଲିସ, ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ତୁରନ୍ତ ଆଲୋଚନା କରି ହସ୍ତକ୍ଷେପ କରିବା ଯୋଗୁ ୨ଟି ଚେକ୍‌ରେ ଥିବା ୧ କୋଟି ୭ ଲକ୍ଷ ଟଙ୍କାକୁ ଫ୍ରିଜ କରାଇବାରେ ସକ୍ଷମ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷେ ଭୁବନେଶ୍ୱରସ୍ଥିତ ଇଓଡବ୍ଲ୍ୟୁ(ଇକୋନୋମିକ ଅଫେନ୍ସ ୱିଙ୍ଗ)କୁ ଏହି ଘଟଣାର ତଦନ୍ତ ଭାର ଦିଆଯାଇଥିବାବେଳେ ଏହି ଟିମ୍ ବୁଧବାର ଅପରାହ୍ନରେ ବଡ଼ବିଲ ପହଞ୍ଚିଛି। ପୋଲିସ ସହାୟତାରେ ଇଓଡବ୍ଲ୍ୟୁ ଟିମ ପୌରକାର୍ଯ୍ୟାଳୟର ଆକାଉଣ୍ଟ ଥିବା ବ୍ୟାଙ୍କରେ ପଚରାଉଚରା ପରେ ପୌର ନିର୍ବାହୀ ଅଧିକାରୀ ଓ ଅନ୍ୟ କେତେକ କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରିଛି। ବଡ଼ବିଲ ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି, ତଦନ୍ତ ଭାର ଇଓଡବ୍ଲ୍ୟୁକୁ ଦିଆଯାଇଛି। ଉକ୍ତ ଟିମ୍ ଏହାର ତଦନ୍ତ ଜାରି ରଖିଛି।

# ୨୦ବର୍ଷ ହେଲା ପାଦରେ ଶିକୁଳି

## ପୁଅ, ଝିଅଙ୍କୁ ନେଇ ଚିନ୍ତାରେ ମା'ବାପା

**ଖଇରା, ୨୩।୩(ଡି.ଏନ.ଏ.)**

୬ବର୍ଷ ବ୍ୟବଧାନରେ ପୁଅ ଝିଅ ଜନ୍ମ ହେବା ପରେ ମା ବାପାଙ୍କର ଖୁସିର ସୀମା ନ ଥିଲା । ଝିଅଠାରୁ ପୁଅ ବଡ। ପ୍ରଥମେ ପୁଅ ଜନ୍ମ ହେବା ପରେ ପାଠ ପଢି ମଣିଷ ହେବ, ପରିଣତ ବୟସରେ ତାଙ୍କର ସେବା କରିବ ବୋଲି ମା' ବାପା ଭାବିଥିଲେ। ହେଲେ ଭାଗ୍ୟର ବିଡମ୍ବନା। ପ୍ରଥମେ ପୁଅ ଓ ପରେ ଝିଅର ମାନସିକ ଅବସ୍ଥା ବିଗିଡିଯାଇଥିଲା। ପୁଅଟି ମାନସିକ ଭାରସାମ୍ୟ ହରାଇ ପାଗଳ ଭଳି ଆଚରଣ କରିବାରୁ ୨୦ବର୍ଷ ହେଲା ଶିକୁଳି ବନ୍ଧା ହୋଇରହିଛି। ସେହିପରି ଝିଅର ମଧ୍ୟ ଅସ୍ୱାଭାବିକ ଆଚରଣ ମା'ବାପାଙ୍କୁ ଗଭୀର ବ୍ୟଥିତ କରୁଛି। ପ୍ରାୟ ୨୧ବର୍ଷ ଧରି ଏଭଳି ମୃତବତ୍ ଜୀବନ ବିତାଉଛନ୍ତି ବାଲେଶ୍ୱର ଜିଲା ଖଇରା ବ୍ଲକ ନହଙ୍ଗ ପଞ୍ଚାୟତ ଶେରପୁର ଗ୍ରାମର ଗୋପୀନାଥ ସେଠୀ ଓ ତୁଳସୀ ସେଠୀ।

ପ୍ରଥମ ସନ୍ତାନ ଜଗତାନନ୍ଦଙ୍କୁ ଯେତେବେଳେ ୬ବର୍ଷ ହୋଇଥିଲା, ସେ ମାନସିକ ଭାରସାମ୍ୟ ହରାଇଥିଲେ । କଟକ ବଡ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଇଥିଲେ ହେଁ ସେଥିରେ କିଛି ସୁଧାର ଆସି ନ ଥିଲା । ଯେତେ ବୟସ ବଢୁଥିଲା ଆଚରଣ ମଧ୍ୟ ଅସ୍ୱାଭାବିକ ହେଉଥିଲା। ବିବସ୍ତ୍ର ହୋଇ ବୁଲିବା ସହ ଲୋକଙ୍କୁ ଗାଳିଗୁଲଜ କରିବା ଆରମ୍ଭ କରିଥିଲେ। ଶେଷରେ ପରିବାର ଲୋକେ ଅନ୍ୟ ଉପାୟ ନ ପାଇ ତାଙ୍କୁ ଶିକୁଳିରେ ବାନ୍ଧି ରଖିଥିଲେ । ତାଙ୍କ ଦୁଃଖ ଏତିକିରେ ଅଟକି ନ ଥିଲା । ଦ୍ୱିତୀୟ ସନ୍ତାନ ଭାବେ ଝିଅ ଚନ୍ଦ୍ରିକା ଜନ୍ମରୁ ଠିକ୍‌ଠାକ୍ ଥିଲା। ସ୍କୁଲ ଯାଉଥିଲା ପଢାପଢି ମଧ୍ୟ ଠିକ୍ ଥିଲା। ନବମ ଶ୍ରେଣୀ ପଢୁଥିବା ବେଳେ ସେ ମଧ୍ୟ ମାନସିକ ରୋଗରେ ଆକ୍ରାନ୍ତ ହୋଇ ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କରିଥିଲେ। ସେ ପ୍ରାୟ ସମୟ ଚୁପଚାପ୍ ବସି ରହୁଛି । ଅବାକ ହୋଇ ସମସ୍ତଙ୍କୁ ଚାହୁଁଛି । ଏବେ ପୁଅ ଝିଅଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ମା' ବାପା ଅକ୍ଷମ ହୋଇ ପଡିଛନ୍ତି। ତାଙ୍କୁ ସହଯୋଗର ହାତ ବଢାଇବାକୁ ପତ୍ନୀପତି ଆକୁଳ ନିବେଦନ କରିଛନ୍ତି। କେବଳ ଦିବ୍ୟାଙ୍ଗ ଭତ୍ତା ବ୍ୟତୀତ ଅନ୍ୟ କିଛି ସରକାରୀ ସହାୟତା ମିଳି ନ ଥିବା ଗୋପୀନାଥ କହିଛନ୍ତି।


ମା' ତୁଳସୀଙ୍କ ନିକଟରେ ଶିକୁଳିରେ ବନ୍ଧା ପୁଅ ଓ ମାନସିକ ବ୍ୟାଧିରେ ପୀଡିତ ଝିଅ।

